## ଶ୍ରୀଜଗନ୍ନାଥ ମନ୍ଦିର ପୁନଃ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ରମ୍ଭା,୨୩।୨(ବନବାସୀ ସେଠୀ)

ରମ୍ଭା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରୀଜଗନ୍ନାଥ ମନ୍ଦିର ପୁନଃ ପ୍ରତିଷ୍ଠା ଉତ୍ସବ ୬ ଦିନ ଧରି ଚାଲିଥିବା ବେଳେ ସୋମବାର ଏହା ଉଦ୍‌ଯାପିତ ହୋଇଛି। ଏଥିରେ ବିରୁଳିଗଡ଼ ରାଜା ଶ୍ରୀମହେନ୍ଦ୍ର ବିକ୍ରମ ସିଂଦେଓ ଓ ପୂଜ୍ୟ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଦୀକ୍ଷା ଗ୍ରହଣ, ଅଙ୍କୁରା ରୋପଣ, ବନଯାଗ ରତ୍ନମୁଦ, କଳସ ଯାତ୍ରା, ନାମ ଯଜ୍ଞ, ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାସହ ବୈଦିକ ରୀତିରେ ଦେବତା ମହାସ୍ନାନ, ଶୟନ, ଦେବତା ପ୍ରାଣ ପ୍ରତିଷ୍ଠା, ହରିବୋଲ ହୁଳହୁଳିରେ ଦେବତା ରତ୍ନ ସିଂହାସନ ଆରୋହଣ, ଧୋଜ ଭ୍ରମଣ, ଯମୁନା ସ୍ନାନ, ନଗର ଭ୍ରମଣ ଓ ଲକ୍ଷାଧିକ ଭକ୍ତଙ୍କ ସମାଗମ ଲାଗିଥିଲା। ସାଧୁ ସନ୍ଥ ତଥା ସହଯୋଗୀଙ୍କୁ ଗ୍ରାମବାସୀମାନେ ଯଜ୍ଞସ୍ଥଳକୁ ପାଛୋଟି ନେଇଥିଲେ। ପରେ ତରୁଣ କବି ଡ. ଜଗନ୍ନାଥ ଦାଶଙ୍କ ରଚିତ ସିତେଶ ଚରିତାମୃତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ, ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ବିରୁଳିଗଡ଼ ରାଜା ଶ୍ରୀ ମହେନ୍ଦ୍ର ବିକ୍ରମ ସିଂ ଦେଓ, ପଣ୍ଡିତ ସୁଦର୍ଶନ ତ୍ରିପାଠୀ, ପଣ୍ଡିତ ଅଶୋକ ଶତପଥୀ, ରମ୍ଭା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅଧକ୍ଷା ମାନସୀ ସ୍ୱାଇଁଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

## ଅଶୋକ ଗଞ୍ଜାମ ଜିଲା କଂଗ୍ରେସ ଉପସଭାପତି

ଛତ୍ରପୁର,୨୩।୨(ଦିଲୀପ ସାମଲ): ଗଞ୍ଜାମ ଜିଲା କଂଗ୍ରେସର ଉପସଭାପତି ଭାବେ ଅଶୋକ କୁମାର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଏହି ଗୁରୁ ଦାୟିତ୍ୱ ଦେଇ ଥିବାରୁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଓ ଗଞ୍ଜାମ ଜିଲା (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। କର୍ମୀମାନଙ୍କ ସହ ମିଶି ଦଳ ପାଇଁ ଭଲ କାମ କରିବାକୁ ସର୍ବଦା ଚେଷ୍ଟା କରିବେ ବୋଲି ବୋଲି ଅଶୋକ କହିଛନ୍ତି।

## ବେଲଘର ହାତୀ ମୃତ୍ୟୁ ଘଟଣା ଡେପୁଟି ରେଞ୍ଜରଙ୍କ ଆତ୍ମ ସମର୍ପଣ

ବାଲିଗୁଡ଼ା,୨୩।୨(ସଞ୍ଜୟ ପାଣିଗ୍ରାହୀ)

କନ୍ଧମାଳ ଜିଲା ବେଲଘର ହାତୀ ମୃତ୍ୟୁ ଘଟଣାର ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବେଲଘରର ଡେପୁଟି ରେଞ୍ଜର ବିନୟ ବିଶି ସୋମବାର ହାଇକୋର୍ଟ ବେଲ୍ ନେଇ ଆତ୍ମସର୍ମପଣ କରିଛନ୍ତି। ପ୍ରଥମେ ସେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତଙ୍କ ସହିତ ଦେଖା କରିବା ପରେ ତୁମୁଡ଼ିବନ୍ଧ ଜେଏମ୍ଏଫ୍‌ସି କୋର୍ଟରେ ହାଇକୋର୍ଟ ବେଲ୍ ନେଇ ଆତ୍ମସର୍ମପଣ କରିଥିଲେ। ପରେ ଜାମିନରେ ଯାଇଛନ୍ତି। ଏବେଠାରୁ ଡେପୁଟି ରେଞ୍ଜର ତଦନ୍ତ ପ୍ରକ୍ରିୟାରେ ସାହାଯ୍ୟ କରିବେ। ସୂଚନାଯୋଗ୍ୟ, ବାଲିଗୁଡ଼ା ବନଖଣ୍ଡ ଅଧିନରେ ଥିବା ବେଲଘର ବନାଞ୍ଚଳରେ ଗତ ଜାନୁୟାରୀ ୫ରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଏହାକୁ ଲୁଚାଇବାକୁ ଯାଇ ବେଲଘର ଡେପୁଟି ରେଞ୍ଜର ମୃତ ହାତୀକୁ ପ୍ରଥମେ ଏକ ନର୍ସରୀରେ ପୋତିଥିଲେ। ଘଟଣା ଜଣାପଡ଼ିବା ପରେ ହାତୀକୁ ଖଣ୍ଡଖଣ୍ଡ କରି ଶହେକିମି ଦୂର କଳାହାଣ୍ଡି ଜିଲା କେସିଙ୍ଗାରେ ପୋତିଥିଲେ। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୧ଜଣ ଗିରଫ ହୋଇଥିବା ବେଳେ ଏସିଏଫ ସୂର୍ଯ୍ୟକାନ୍ତ ବେହେରା ଭୁଲ୍ ତଦନ୍ତ କରିଥିବାରୁ ନିଲମ୍ବିତ ହୋଇଛନ୍ତି।

# ବିଲୁପ୍ତ ଭାଷାକୁ ପୁନରୁଦ୍ଧାର କରି ସଂରକ୍ଷଣ କରିବାକୁ ଆହ୍ୱାନ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷା ବିଜ୍ଞାନ ବିଭାଗର କର୍ମଶାଳା



କୁଳପତିଙ୍କ ସହ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଭାଷା ବିଜ୍ଞାନ ବିଭାଗର ୩ ଦିନିଆ କର୍ମଶାଳା ସୋମବାର ଉଦଘାଟିତ ହୋଇଛି। ଏହାର ଶୀର୍ଷକ ଥିଲା ସ୍ୱରର ପୁନରୁଦ୍ଧାର : ବିଲୁପ୍ତପ୍ରାୟ ଭାଷା ଏବଂ ସଂରକ୍ଷଣ । କର୍ମଶାଳାର ଆବାହକ ଡ଼.ବୋବିତା ସରାଙ୍ଗଥେମଙ୍କ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଏହାକୁ ଉଦଘାଟନ କରି କହିଲେ ଯେ, ଲୋପ ପାଉଥିବା ଭାଷାକୁ ଖୋଜି ବାହାର କରିବା ଓ ବିଲୁପ୍ତ ଭାଷାକୁ କିପରି ପୁନଃ ଉଦ୍ଧାର କରି ସେଗୁଡ଼ିକୁ ସଂରକ୍ଷଣ କରିବାକୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ଭାଷା ଜାଣିବା ସହ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ । ସମ୍ମାନନୀୟ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଅସୀମା ରଞ୍ଜନ ପାରହି ଯୋଗ ଦେଇ ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଶେଷରେ ସହକାରୀ ପ୍ରାଧ୍ୟାପକ ଅନୁପ କୁମାର କୁଜୁର ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସୋଆ ୟୁନିଭରସିଟିର ଡ଼.ନିହାର ରଞ୍ଜନ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଡ଼.ରମେଶ ଚନ୍ଦ୍ର ମଲ୍ଲିକ, ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାଷା ବିଜ୍ଞାନ ବିଭାଗର ଡ଼.କୈଳାଦ ବୋଉ ଦାଇମାଇ, ଡ଼.ସୁରେନ୍ଦ୍ର ନାଥ ସାହୁ ଯୋଗ ଦେଇ ଭାଷା ଏବଂ ସଂରକ୍ଷଣ, ଭାଷା ଡ଼କ୍ୟୁମେଣ୍ଟେସନ ପଦ୍ଧତି, ଭାଷାର ଉପ କରଣ ଏବଂ କୌଶଳ ଡ଼କ୍ୟୁମେଣ୍ଟେସନ, ଭାଷା ଡ଼କ୍ୟୁମେଣ୍ଟେସନରେ ଅନୁବାଦର ଭୂମିକା, ସୌରା ପର୍ବ ଓ ଏକାଡେମିକ ଲେଖା ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଏଥିରେ ବହୁ ଛାତ୍ରୀଛାତ୍ର ଗବେଷକ, ଗବେଷିକା, ଅଧାପିକା ଅଧାପକ ଯୋଗ ଦେଇଥିଲେ ।

## କୋରାପୁଟର ଦୁର୍ଗମ ଅଞ୍ଚଳରେ ଟିପିଏସ୍‌ଓଡିଏଲ୍‌ର ଗୁଣାତ୍ମକ ବିଜୁଳି ସେବା ; ଉପକୃତ ହେବେ ୨ ହଜାର ଉପଭୋକ୍ତା


ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମ ଯାଞ୍ଚ କରୁଛନ୍ତି।

ବ୍ରହ୍ମପୁର, ୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ଟିପିଏସଓଡିଏଲ ପକ୍ଷରୁ କୋରାପୁଟ ଜିଲା ଦୁର୍ଗମ ଅଞ୍ଚଳ ଲମତାପୁଟ ବ୍ଲକର ମାର୍ଥାପୁଟଠାରେ ୪.୭୩ ସର୍କିଟ କିମି ଲମ୍ବର ଏକ ନୂତନ ୩୩ କେଭି ଲାଇନ ପ୍ରତିଷ୍ଠା କରାଯାଇଛି । ପାଖାପାଖି ୨ ହଜାରରୁ ଅଧିକ ଉପଭୋକ୍ତା ଏଥିରୁ ସୁଫଳ ପାଇବେ। ଆନ୍ଧ୍ର ସୀମାନ୍ତ ତଥା ପୂର୍ବଘାଟ ପର୍ବତମାଳାର ବଳୟ ଭିତରେ ଥିବାରୁ ଏଠାକୁ ବିଜୁଳି ସେବା ନେଇ ସମସ୍ୟା ଥିଲା। ଏହି ୩୩ କେଭି ଫିଡରରୁ ଲମତାପୁଟ ବ୍ଲକ ଅନ୍ତର୍ଗତ ଗଣେଇପଦା, ଜଳହଞ୍ଜର, ଚିକେନପୁଟ, ଗୋଦିହଞ୍ଜର, ଅନକାଡେଲି ଓ ବଡ଼ିଗଡ଼ା ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଇବ । ପୂର୍ବରୁ ମାର୍ଥାପୁଟ ପ୍ରାଥମିକ ସବଷ୍ଟେସନକୁ ସୁନାବେଡ଼ା ଗ୍ରୀଡ ସବଷ୍ଟେସନରୁ ପ୍ରାୟ ୭୦ କିମି ୩୩ କେଭି ଲାଇନ ମାଧମ ବିଦ୍ୟୁତ ଯୋଗାଣ ହେଉଥିଲା । ଲମତାପୁଟ ଗ୍ରୀଡ ସବଷ୍ଟେସନରୁ ସ୍ୱତନ୍ତ୍ର ଫିଡର କାର୍ଯ୍ୟକ୍ଷମ ହେବା ପରେ ବିଜୁଳି ଯୋଗାଣ ନିମନ୍ତେ ବିକଳ୍ପ ଉତ୍ସ ମିଳିପାରିଛି । ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ୩୩ କେଭି ଲାଇନ ପ୍ରତିଷ୍ଠା ଦ୍ୱାରା ଭୌଗୋଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଗୁଣାତ୍ମକ ବିଜୁଳି ଯୋଗାଣ ପୂର୍ବାପେକ୍ଷା ସହଜ ହୋଇପାରିଛି ।

## ଏମ୍‌କେସିଜି ପରିସରରୁ ଗଳିତ ମୃତଦେହ ଜବତ ଘଟଣା, ୭ ମାସ ପରେ ପରିଚୟ ମିଳିନି

ବ୍ରହ୍ମପୁର, ୨୩।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ବିଭିନ୍ନ ସମୟରେ ନାନା ଅପରାଧ ଘଟୁଛି। କେତେବେଳେ ହତ୍ୟା ତ ଆଉ କେତେବେଳେ ଲୁଟ, ଡକାୟତି, ରାହାଜାନୀ ଘଟି ଚାଲିଛି । ଏଭଳି ଅନେକ ଘଟଣାରେ ମୃତକଙ୍କ ପରିଚୟ ଖୋଜିପାରୁନି ପୋଲିସ। ଏମିତି ଏକ ଘଟଣା ଘଟିଥିଲା ୨୦୨୫ ଜୁଲାଇ ୧୫ ତାରିଖରେ। ବୈଦ୍ୟନାଥପୁର ଥାନା ଏମକେସିଜି ପରିସର ନିକଟ ଖେଳପଡ଼ିଆ ସମ୍ମୁଖ ହେଟାବନ୍ଧ ଚଲାପଥ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଥିଲା। ତାଙ୍କର ପରିଚୟ ମିଳିପାରିନଥିଲା। ତାଙ୍କର ଦୁଇ ପାପୁଲି ନଥିବା ବେଳେ ପାଦ ତଳର କିଛି ଅଂଶ ବି ନଥିଲା। ଅପରାଧୀ ମାନେ ପ୍ରମାଣ ନଷ୍ଟ ପାଇଁ ଯୁବକଙ୍କୁ ହତ୍ୟା ପରେ ତାଙ୍କ ଶରୀରରେ ପେଟ୍ରୋଲ ଢାଳି ପୋଡି ଦେଇଥିଲେ। ପାରିପାର୍ଶିକ ସ୍ଥିତିରୁ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଇଥିଲା। ୨୪ ଘଣ୍ଟା ପରେ ବି ମୃତକଙ୍କ ପରିଚୟ ନ ମିଳିବାରୁ ପୋଲିସ ପାଇଁ ଚିନ୍ତା ଆଣିଥିଲା। ଅନ୍ୟପଟେ ମେଡିକାଲ ଗ୍ରାଉଣ୍ଡ ନିକଟରେ ଏମକେସିଜି ପକ୍ଷରୁ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ତାହା ବି ଖରାପ ଥିଲା। ଅପରାଧୀଙ୍କ ସମ୍ପର୍କରେ ଜାଣିବା ପୁରା ପୋଲିସ ପାଇଁ ମୁସ୍କିଲ ହୋଇପଡିଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ବ୍ୟବଛେଦ ପରେ ମୃତଦେହ ସଂରକ୍ଷଣ ରଖାଯାଇଥିଲା। ପରିଚୟ ସ୍ପଷ୍ଟ ପାଇଁ ତାଙ୍କର ଡ଼ିଏନଏ ପାଇଁ ରକ୍ତ ନମୁନା ସଂଗ୍ରହ ସହ ଭିସେରା ମଧ୍ୟ ସଂଗ୍ରହ କରାଯାଇଥିଲା। ଆଗକୁ କେହି ଦାବିଦାର ଆସିଲେ ତାଙ୍କର ମଧ ରକ୍ତ ନମୁନା ସଂଗ୍ରହ କରାଯାଇ ଡିଏନଏ ପରୀକ୍ଷା କରାଯିବ ବୋଲି ପୋଲିସ କହିଛି। ଜିଲାର ସମସ୍ତ ଥାନାକୁ ଏନେଇ ମେସେଜ ପଠାଯାଇଛି। କିନ୍ତୁ ଏତେଦିନ ପରେ ମୃତକଙ୍କ ପରିଚୟ ନମିଳିବା ସମସ୍ତଙ୍କୁ ବିସ୍ମିତ କରିଛି। ମୃତଦେହର କେହି ଦାବିଦାର ବି ନାହାନ୍ତି। ଏନେଇ ରୁଜୁ ହୋଇଥିବା ନଂ.୩୯୯/୨୫ ମାମଲାଟି ଏବେ ତଦନ୍ତର ନାଲିଫିତା ତଳେ ରହିଯାଇଛି।

## ପୂର୍ବ ଶତ୍ରୁତାରୁ ବୋମା ମାଡ଼, ବନ୍ଥପଲ୍ଲୀ ଗାଁ ପୁଣି ଅଶାନ୍ତ

ଦିଗପହଣ୍ଡି,୨୩।୨(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ଥାନା ମହୁଡ଼ା ବନ୍ଥପଲ୍ଲୀ ଗ୍ରାମର ପ୍ରଶାନ୍ତ ଭୂୟାଁଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ରବିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ କୌଣସି ଦୁର୍ବୃତ୍ତ ପ୍ରଶାନ୍ତଙ୍କ ଘର ଉପରକୁ ବୋମା ଫିଙ୍ଗିଥିବା ଜଣାପଡିଛି। ବୋମା ବିସ୍ଫୋରଣରେ ପ୍ରଶାନ୍ତଙ୍କ ସ୍କୁଟି ଓ ସାଇକେଲ ସାମାନ୍ୟ କ୍ଷତି ହୋଇଛି। ପ୍ରଶାନ୍ତ ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ଠିକାଦାରଙ୍କ ପାଖରେ ରହି କାମ ତଦାରଖ କରୁଥିବା ବେଳେ କାହିଁକି କୌଣସି ଦୁର୍ବୃତ୍ତ ତାଙ୍କୁ ଏବଂ ପରିବାର ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ବୋମା ମାଡ଼ କଲେ ଜଣାପଡିନାହିଁ। ଏନେଇ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ ପାତ୍ରଙ୍କୁ ପଚାରିବାରୁ ସୋମବାର ସନ୍ଧ୍ୟା ସୁଦ୍ଧା ଥାନାରେ ଏନେଇ କେହି ଏତଲା ଦେଇନଥିବା କହିଛନ୍ତି। ପୂର୍ବରୁ ପ୍ରଶାନ୍ତଙ୍କ ଜଣେ ସମ୍ପର୍କୀୟଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପ୍ରଶାନ୍ତ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତ ବିଚାରାଧୀନ ଅନ୍ତେବାସୀ ଭାବେ ବ୍ରହ୍ମପୁର ଜେଲରେ ଥିବା ଜଣାପଡ଼ିଛି। ଏହି କାରଣକୁ ନେଇ ବୋମା ମାଡ଼ କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ଆଇଆଇସି କହିଛନ୍ତି।

## ସିଟି କଲେଜରେ ଜାତୀୟସ୍ତରୀୟ ପାଠଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ): ସ୍ଥାନୀୟ ସିଟି କଲେଜ ଇତିହାସ ବିଭାଗ ପକ୍ଷରୁ ଏକ ଜାତୀୟସ୍ତରୀୟ ପାଠଚକ୍ର ଅଧକ୍ଷ ଡ. ଜୟନ୍ତ ବାନାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ମୁଖ୍ୟ ଡ. ମିନତି ସାହୁ ପାଠଚକ୍ରର ଶୀର୍ଷକ 'ଭାରତରେ ବ୍ରିଟିଶ ଔପନିବେଶିକତା: ଐତିହାସିକ ଦୃଷ୍ଟିକୋଣ ଓ ପରିଣାମ' ଉପରେ ସୂଚନା ଦେଇ ପାଠଚକ୍ରର ମହତ୍ତ୍ୱ ବିଷୟରେ କହିଥିଲେ। ମୁଖ୍ୟ ଅତିଥି ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ କଲେଜ, ଖଲ୍ଲିକୋଟର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରିଟିଶ ଔପନିବେଶକତାବାଦର ଇତିହାସ ଓ ବ୍ରିଟିଶ ସରକାରଙ୍କ ବିଭାଜନ ନୀତି ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଟିକିଟି ମହାବିଦ୍ୟାଳୟର ଇତିହାସ ବିଭାଗ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବି. ଦେବରାଜ ଭାରତରେ ବ୍ରିଟିଶ ଶାସନର ସୁପରିଣାମ ତଥା କୁପରିଣାମ ବିଷୟରେ କହିଥିଲେ। ଏହି ପାଠଚକ୍ରରେ ଯୁକ୍ତ ୩ ଶେଷବର୍ଷର ଛାତ୍ର ଆଦିତ୍ୟ ପଟ୍ଟନାୟକ, ରୋହନ ସେଠି, ରବୀନ୍ଦ୍ର କୁମାର ସ୍ୱାଇଁ, ପ୍ରଥମ ବର୍ଷ ଛାତ୍ର ଉମା ଶଙ୍କର ପରିଡା ସନ୍ଦର୍ଭ ପାଠ କରିଥିଲେ। ସେମିନାର ସେକ୍ରେଟାରୀ କିରଣ କୁମାର ବେହେରା ଓ ଅନେକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଇତିହା ବିଭାଗ ଅଧାପିକା ଡ. ବନ୍ଦିତା ଜେନା ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଅଧାପକ ଓ ଅଧାପିକା ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ଦିଗପହଣ୍ଡି,୨୩।୨(ଅଶେଷ ନାଥ ମିଶ୍ର):


ଦୀକ୍ଷାଭିଷେକ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ ବୃନ୍ଦ।

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ଶ୍ରୀଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଶୁଭାରମ୍ଭ ହୋଇଛି। ଏଥି ନିମନ୍ତେ ସମଗ୍ର ଗାଁ ଉତ୍ସବ ମୁଖର ହୋଇଛି। ପୂର୍ବାହ୍ନରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ସ୍ଥାନୀୟ ପୋଖରୀରେ ପହଞ୍ଚି ଗଙ୍ଗା ଆବାହନ ଦୀକ୍ଷାଭିଶେକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲା। ବିଜୟ ପଦ୍ମନାଭପୁର ଲାଡ଼ି ଗାଁର ମୁଖ୍ୟ ପୁରୋହିତ ପ୍ରସନ୍ନ ଦାସ ଶର୍ମାଙ୍କ ପୌରୋହିତ୍ୟରେ କର୍ତ୍ତା ଭାବେ ଡ଼ା.ଏମ.ନାଗେଶ୍ୱର ଓ ତାଙ୍କ ସ୍ତ୍ରୀ ଏମ.ଚନ୍ଦ୍ରକଳା ଉପସ୍ଥିତ ରହି ପୁରୋହିତ ରବି କୁମାର ଶର୍ମା, ଜ୍ୟୋତିରାଜ ଦାସଙ୍କ ତତ୍ତ୍ୱାବଧାନରେ ଅଙ୍କୁରାରୋପଣ କାର୍ଯ୍ୟ କରିଥିଲେ। ମଙ୍ଗଳବାର ବ୍ରାହ୍ମଣବରଣ, ଶାଳା ସଂସ୍କାର ପରେ ବୈଷ୍ଣବ ଅଗ୍ନି ସ୍ଥାପନ ଓ ୧୬ ପ୍ରହର ନାମ ସଙ୍କୀର୍ତ୍ତନ ସହ ମନ୍ଦିର ପ୍ରତିଷ୍ଠା କର୍ମାରମ୍ଭ ହେବ। ଆସନ୍ତା ଗୁରୁବାର ଉଦଯାପନ ସହ ମହାଯଜ୍ଞ ପୂର୍ଣ୍ଣାହୁତି ହେବ ।

## ଶ୍ରୀଚୈତନ୍ୟ ଗୌଡ଼ୀୟ ମଠରେ ବାର୍ଷିକ ମହୋତ୍ସବ, ଧର୍ମ ସମ୍ମିଳନୀ

ବୁଗୁଡ଼ା,୨୩।୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ଶ୍ରୀଚୈତନ୍ୟ ଗୌଡୀୟ ମଠରେ ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଠ ରକ୍ଷକ ଶ୍ରୀଭକ୍ତିଶରଣ ଶାନ୍ତଙ୍କ ତତ୍ତ୍ୱାବଧାନରେ ମଠ ପରିସରସ୍ଥ ସଂକୀର୍ତ୍ତନ ମଣ୍ଡପରେ ଆୟୋଜିତ ତ୍ରିଦିବସୀୟ ଧର୍ମ ସମ୍ମିଳନୀରେ ଭକ୍ତିସୌଧ ଜିତେନ୍ଦ୍ରିୟ ମହାରାଜ, ଭକ୍ତିବିବେକ ପରମାର୍ଥ ମହାରାଜ, ଭକ୍ତିହୃଦୟ ନିରୀହ ମହାରାଜ, ଭକ୍ତିସମ୍ବନ୍ଧ ଶୁଦ୍ଧାଦ୍ୱୈତୀ ମହାରାଜ, ଭକ୍ତିଜୀବନ ଅବଧୂତ ମହାରାଜ, ଶ୍ରୀପାଦ ଦିନତାରଣ ବ୍ରହ୍ମଚାରୀ ପ୍ରମୁଖ ପ୍ରବକ୍ତା ଭାବେ ଯୋଗଦେଇ ସାଧୁସଙ୍ଗର ମହିମା ଏବଂ ବିଗ୍ରହ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ମହୋତ୍ସବ ଅବସରରେ ରାଧା ଦାମୋଦରଜୀଉଙ୍କ ମହାଭିଷେକ ସାଙ୍ଗକୁ ଦୈନିକ ଧର୍ମସଭାର ପ୍ରାରମ୍ଭରେ ଓ ଅନ୍ତେ ମହାଜନ ପଦାବଳୀ କୀର୍ତ୍ତନ ଓ ନାମ ସଂକୀର୍ତ୍ତନ ହୋଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରୁ ଆଗତ ସାଧୁସନ୍ଥଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ଏହି ମହୋତ୍ସବ ପରିଚାଳନାରେ ଗ୍ରାମବାସୀ ସହଯୋଗ ରହିଥିଲା।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧାପକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ,ଏକାଡେମିକ ଏବଂ ପ୍ରଶାସନିକ ବିକାଶ କେନ୍ଦ୍ର (ଏଏଡ଼ିସି) ,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ଏବଂ ଇଷ୍ଟୁଆରିନ ଆଣ୍ଡ କୋଷ୍ଟାଲ ଷ୍ଟଡିଜ ଫାଉଣ୍ଡେସନ (ଇସିଏସଏଫ) ମିଳିତ ଭାବେ ସମୁଦ୍ର ଅଧୟନରେ ନୂତନ ଦିଗ ଓ ଧାରା ବିଷୟରେ ଶିକ୍ଷକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସୋମବାର କୁଳପତି ପ୍ରଫେସର ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧକ୍ଷତାରେ ଉଦଘାଟିତ ହୋଇଛି । ସପ୍ତାହେ ବ୍ୟାପୀ କାର୍ଯ୍ୟକ୍ରମ ଚାଲିବ। ଏଆଇୟୁ,ଏଏଡ଼ିସିର ନୋଡାଲ ଅଫିସର ପ୍ରଫେସର ଡ଼ା. ମୃତ୍ୟୁଞ୍ଜୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ଆବାହକ ତଥା ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ତମୋଘ୍ନ ଆଚାର୍ଯ୍ୟ ଅତିଥି ପରିଚୟ ସହ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରର ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ଡିପ ଓସନ ମିଶନର ମିଶନ ଡିରେକ୍ଟର ଡ଼ଃ ଏମ. ଭି. ରମଣ ମୂର୍ତ୍ତି ସମୁଦ୍ର ଗବେଷଣାର ନୂତନ ମାର୍ଗ ଓ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଆଇୟୁ ନ୍ୟୁ ଦିଲ୍ଲୀର ରିସର୍ଚ୍ଚ ମୁଖ୍ୟ ଏବଂ 'ୟୁନିଭରସିଟି ନ୍ୟୁଜ' ସମ୍ପାଦିକା ଡ଼. ଏସ. ରମା ଦେବୀ ପାଣି ଯୋଗ ଦେଇ ଶୀର୍ଷକ ଉପରେ ନିଜ ମତ ରଖିଥିଲେ । ଇସିଏସଏଫର ବୈଜ୍ଞାନିକ ଡ଼. ସୌରଭ ପଲ ଧନ୍ୟବାଦ ଦେଇଥିଲେ।

# ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

### ୨୬୦୦ରୁ ଊର୍ଦ୍ଧ୍ୱ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ଅପହଞ୍ଚ

ସୋରଡା,୨୩।୨(ରଜନୀ ମହାପାତ୍ର)

**ମୋବାଇଲ ଟାୱାର, ସ୍ୱାସ୍ଥ୍ୟ ସମସ୍ୟା**

ଗଞ୍ଜାମଜିଲା ସୋରଡା ବ୍ଲକର ଅପହଞ୍ଚ ଇଲାକାରେ ମୋବାଇଲ ଟାୱାର ସଂଯୋଗ ଓ ସ୍ୱାସ୍ଥ୍ୟ ସେବା ସୁଧାରିବା ପାଇଁ ବିଧାନସଭାରେ ପ୍ରଶ୍ନ କରିଛନ୍ତି ସୋରଡା ବିଧାୟକ ନୀଳମଣି ବିଷୋୟୀ। ରାଜ୍ୟର ପାୟ ୨୬୦୦ରୁ ଊର୍ଦ୍ଧ୍ୱ ଗ୍ରାମରେ ମୋବାଇଲ ନେଟୱର୍କ ଅପହଞ୍ଚ ହୋଇ ରହିଛି। କେବଳ ସୋରଡା ବ୍ଲକରେ ୪୫ରୁ ଊର୍ଦ୍ଧ୍ୱ ଗ୍ରାମରେ ଏପର୍ଯନ୍ତ ମୋବାଇଲ ସେବା ଅପହଞ୍ଚ ହୋଇ ରହିଛି। ସେଥିରୁ ସାଲିମା ଗୋଛା, ଗୋଛା ଓ ଗାଜଲବାଡି ପଞ୍ଚାୟତର ଅଧିକରୁ ଅଧିକ ଗ୍ରାମରେ ମୋବାଇଲ ସେବା ପହଞ୍ଚପାରିନି। ବିଧାୟକ ବିଷୋୟୀ ଇଲୋକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗଙ୍କୁ ଏସବୁ ଗ୍ରାମରେ ମୋବାଇଲ ସେବା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁଦାବି କରିଥିଲେ। ମନ୍ତ୍ରୀ ମହାଲିଙ୍ଗ ସୋରଡାରେ ବର୍ତ୍ତମାନ ୪୩ଟି ବିଏସଏନଏଲ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ଥିବା କହିଥିବା ବେଳେ ବଳକା ଟାୱାରଗୁଡିକର ମରାମତି କରାଯାଇ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଡିଜିଟାଲ ଭାରତ ନିଧି ଯୋଜନାରେ ୪ଜି ସ୍ୟାଚୁରେଶନ ପ୍ରକଳ୍ପରେ ଉପାନ୍ତ ଅଞ୍ଚଳରେ ମୋବାଇଲ ସେବା ପାଇଁ ୩୨ଟି ନୂତନ ଟାୱାର ସ୍ଥାପନ କରିବା ପାଇଁ ଯୋଜନା ରହିଛି। ଏ ସଂକ୍ରାନ୍ତରେ ସରକାର କାର୍ଯ୍ୟ କରୁଛନ୍ତି। ଜୁନ ୨୦୨୬ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ। ସେହିପରି ସୋରଡା ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବା ପାଇଁ ଅଧିକ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ନିଯୁକ୍ତି ନେଇ ବିଧାନ ସଭାରେ ବିଧାୟକ ବିଶୋୟୀ ପ୍ରଶ୍ନ କରିଥିବା ବେଳେ ଖାଲିଥିବା ଡାକ୍ତର ପଦବୀ ପାଇଁ ଓପିଏସସି ମାଧ୍ୟମରେ ଚୟନ ଓ ବିଭାଗୀୟ ପଦୋନ୍ନତି ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ଦ୍ୱାରା ଖାଲିଥିବା ପଦବୀ ପୂରଣ ପାଇଁ ପ୍ରକ୍ରିୟା ଚାଲୁ ରହିଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

## କୃଷ୍ଣଛାଇ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଶେରଗଡ଼,୨୩।୨(ସୂର୍ଯ୍ୟ ନାରାୟଣ ଦାଶ):

ଶେରଗଡ଼ ବ୍ଲକ କୃଷ୍ଣଛାଇ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ତୃପ୍ତିମୟୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଡିଓ ନିରାକାର ଜେନା, ଥାନାଧିକାରୀ ବରେନ୍ଦ୍ର ସିଆଳ, ଯୋଗଦେଇ ଥିଲେ। ଶିବିରକୁ ମୋଟ ୧୭ଟି ଅଭିଯୋଗ ଆସିଥିଲା। ସେଗୁଡ଼ିକ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଇ ଦିଆଯାଇଛି। ଅଧିକାରୀ ମାନଙ୍କ ମଧ୍ୟରେ ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର ସମେତ କୃଷି, ପୂର୍ତ୍ତ ବିଭାଗ,ମିଶନ ଶକ୍ତି,ଜଳପରିମଳ, ହରଭଙ୍ଗୀ,ବନ ବିଭାଗ ସମେତ ସମସ୍ତ ଅଧିକାରୀ ମାନେ ଯୋଗଦେଇ ଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁନିତା ବରାଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତି ଏନ୍‌ଏସିର ଅବହେଳା


ଭଗ୍ନ ଅବସ୍ଥାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି।

ଗଞ୍ଜାମ,୨୩।୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସୌନ୍ଦର୍ଯ୍ୟ ବଢାଇବା ଲାଗି ୩/୪ ବର୍ଷ ତଳେ ଏନଏସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ଦୃଶ୍ୟମାନ ନିର୍ମାଣ କରାଯାଇଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଭାଙ୍ଗିରୁଜି ଗଲାଣି। ଆଉ କେତେକ ସ୍ଥାନ ଆବର୍ଜନା ପୂର୍ଣ୍ଣ ହୋଇପଡିଥିବା ଦେଖିବାକୁ ମିଳିଛି। ତ୍ରିବେଣୀ ଛକରେ ଅଶ୍ୱରେ ପ୍ରତୀୟମାନ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତି, ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି, ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହର ପ୍ରତିମୂର୍ତ୍ତି, ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତିମୂର୍ତ୍ତି, ସାନ ବଜାର ଶନି ମନ୍ଦିର ପାର୍ଶ୍ୱରେ ଥିବା ଗଣେଶଙ୍କ ପ୍ରତିମୂର୍ତ୍ତି, ଭାରତୀ ବିଦ୍ୟାପୀଠଠାରେ ଥିବା ୱାଟର ଫଲ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ଅବସ୍ଥାରେ ରହିଛି। ଗଞ୍ଜାମସହରକୁ ଆସୁଥିବା ପର୍ଯ୍ୟଟକମାନେ ଏହି ମହାପୁରୁମାନଙ୍କ ପ୍ରତିକୃତି ଦେଖି ଖୁସି ହେଉଥିଲେ। ସନ୍ଧ୍ୟା ହେଲେ ୱାଟର ଫଲର ମଜା ସହରବାସୀ ଉଠାଉଥିଲେ। ସେହିପରି ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ଭିତରେ ରଖାଯାଇଥିବା ବ୍ୟାୟାମ ସମଗ୍ରୀମାନ ଭାଙ୍ଗିରୁଜି ଗଲାଣି। ଆଗକୁ ଆସୁଥିବା ଐତିହାସିକ ଦୋଳ ଯାତ୍ରା ଗଞ୍ଜାମ ସହରରେ ଆରମ୍ଭ ହେବ। ଏହା ଦେଖିବାକୁ ଓଡିଶାର ବିଭିନ୍ନ ସ୍ଥାନରୁ ଲୋକଙ୍କ ସାମଗମ ହେବ। ତା' ପୂର୍ବରୁ ସହରର ଏହି କୀର୍ତ୍ତିମାନ ସାମଗ୍ରୀ ପ୍ରତି ଏନଏସି ପ୍ରଶାସନ ଦୃଷ୍ଟି ଦେଇ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ କହିଛନ୍ତି, କିଛି ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି, ଖୁବଶୀଘ୍ର ଅନ୍ୟଗୁଡିକର ମଧ ମରାମତି କରାଯିବ।

## ସଂକ୍ଷେପରେ

### ଫାଇନାନ୍ସ କମ୍ପାନୀର ଦବଙ୍ଗଗିରି କିସ୍ତି ପଇସା ନ ଦେବାରୁ କାଠ ଫାଳିଆରେ ଆକ୍ରମଣ

ବାଲିଗୁଡା,୨୩।୨(ସଞ୍ଜୟ କୁମାର ପାଣିଗ୍ରାହୀ) ଫ୍ୟୁଜନ ଫାଇନାନ୍ସ କମ୍ପାନୀ ଶାଖା ପରିଚାଳକଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି। କିସ୍ତି ନ ଦେବାରୁ କମ୍ପାନୀର ଶାଖା ପରିଚାଳକ ଦିୱାନା ପ୍ରଧାନ ଉତ୍‌କ୍ଷିପ୍ତ ହୋଇ ଜଣେ ମହିଳାଙ୍କ ସ୍ୱାମୀଙ୍କୁ କାଠ ଫାଳିଆରେ ଆକ୍ରମଣ କରିଛନ୍ତି। ସୂଚନାନୁଯାୟୀ, ବାଲିଗୁଡ଼ା ଥାନା ଅନ୍ତର୍ଗତ ବୁଡୁରୁକିଆ ପଞ୍ଚାୟତ ମାଦିନାଟ ଗାଁର ନିରଜିନି ମଲ୍ଲିକ ଫ୍ୟୁଜନ କମ୍ପାନୀରୁ ଲୋନ ଆଣିଥିଲେ। ପଇସା ପତ୍ର ଅସୁବିଧାରୁ ସେ କିସ୍ତି ଦେଇପାରି ନ ଥିଲେ। ଶାଖା ପରିଚାଳକ ପ୍ରଧାନ ରବିବାର ନୀରଜିନୀଙ୍କ ଘରକୁ ଯାଇ ଜବରଦସ୍ତ କିସ୍ତି ମାଗିବା ସହିତ ଅଶ୍ଲୀଳ ଭାଷାରେ ଗାଳି କରିଥିଲେ। ନୀରଜିନୀଙ୍କ ସ୍ୱାମୀ କସିରା ଏହାକୁ ବିରୋଧ କରିବାରୁ ପ୍ରଧାନ ଉତକ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ପଡ଼ିଥିବା ଏକ କାଠ ଫାଳିଆ ଉଠାଇଆଣି ତାଙ୍କୁ ଆକ୍ରମଣ କରିଥିଲେ। ଏଥରେ କସିରା ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ବାଲିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ଶାଖା ପରିଚାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ବାଲିଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶାଖା ପରିଚାଳକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି। କସିରାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଫୁଲବାଣୀ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଶାଖା ପରିଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ସଭ୍ୟ ଦୟା ମଲ୍ଲିକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

### ବଡ଼ଗାଁରେ ମା'ନୀଳାଦ୍ରି ଗ୍ରାମ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା



ପାରଳାଖେମୁଣ୍ଡି,୨୩।୨(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଗୋଷାଣି ବ୍ଲକ ଅଗରଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁଠାରେ ମା' ନୀଳାଦ୍ରି ଗ୍ରାମ ଠାକୁରାଣୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଫାଲଗୁନ ଶୁକ୍ଳ ତୃତୀୟା ଶୁକ୍ରବାରଠାରୁ ଶୁକ୍ଳ ଷଷ୍ଠୀ ସୋମବାର ପର୍ଯ୍ୟନ୍ତ ଚାରି ଦିନ ଧରି ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ଶୁକ୍ରବାର ସକାଳ କଳସ ଯାତ୍ରା ଓ ସଙ୍କୀର୍ତ୍ତନ ସହ ନଗର ପରିକ୍ରମା କରାଯାଇଥିଲା। ଶନିବାର ସକାଳ ୯ଟାରୁ ୧୨ଟା ମଧ୍ୟରେ ପୂଜା ମଣ୍ଡପର କାର୍ଯ୍ୟ ବିଧି, ମାତା ନୀଳାଦ୍ରି ଯଜ୍ଞକର୍ମ, ଅଙ୍କୁରାରୋପଣ, ଶୁଭ ମଙ୍ଗଳ ଶୁଭ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ସକାଳେ ମା'ଙ୍କ ମହାସ୍ନାନ ଓ ନଗର ପରିକ୍ରମା, ପ୍ରାଣ ପ୍ରତିଷ୍ଠା ସହ ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ପ୍ରତିଷ୍ଠା ଉତ୍ସବର ଶେଷ ଦିବସରେ ମାତା ନିଳାଦ୍ରୀ ଦେବୀଙ୍କ ମନ୍ଦିର ପ୍ରବେଶ ପୂର୍ଣ୍ଣାହୁତି, ଶୁଭ ମଙ୍ଗଳ ଶୁଭ କାର୍ଯ୍ୟକ୍ରମ ହୋଇଥିଲା। ଏହ ଉତ୍ସବରେ ୪ ଦିନ ଧରି ଅଗରଖଣ୍ଡି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଅବସରରେ ଶନିବାର ନାମ ସଙ୍କୀର୍ତ୍ତନ ଓ ଅଷ୍ଟପ୍ରହରି, ରବିବାର ଗାହାଣି ଗଣ୍ଡି ଓ ସୋମବାର ନାଟ୍ୟଗୁରୁ ହରିକୃଷ୍ଣ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଭାରତ ଲୀଳା ପରିବେଷଣ ହୋଇଥିଲା। ତେବେ ମନ୍ଦିର ପ୍ରତିଷ୍ଠାକୁ ନେଇ ଅଞ୍ଚଳବାସୀ କହିଛନ୍ତି, ଦୀର୍ଘ ବର୍ଷ ହେଲା ମା' ନୀଳାଦ୍ରି ଗ୍ରାମ ଠାକୁରାଣୀ ପୂଜାପାଇ ଆସୁଛନ୍ତି। ମା'ଙ୍କ ଲାଗି ସ୍ୱତନ୍ତ୍ର ମନ୍ଦିର କିଛି ନ ଥିବାରୁ ଗ୍ରାମର ଏକ ନିମ୍ବ ବୃକ୍ଷମୂଳେ ମା'ଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା। ଚଳିତ ବର୍ଷ ଗ୍ରାମବାସୀ ଏକାଠି ହୋଇ ସମର୍ଥ ଅନୁଯାୟୀ ପ୍ରତ୍ୟେକ ପରିବାର ଦେଇଥିବା ଅର୍ଥରେ ଏହି ମନ୍ଦିର ନିର୍ମାଣ ହୋଇଛି।

# ପାଇପ୍ ବିଛାଯାଇଛି, ପାଣି ନାହିଁ

## ଆମ କାମ ସାରି ଦେଇଛୁ, ଜନସ୍ୱାସ୍ଥ୍ୟ ବିଭାଗ ଜଳ ଯୋଗାଇବ: ନିର୍ବାହୀ ଯନ୍ତ୍ରୀ

ପାରଳାଖେମୁଣ୍ଡି,୨୩।୨(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ମହେନ୍ଦ୍ର ତନୟା ସହର ନିକଟରେ ଥିବା ଏହି ସହରବାସୀ ଜଳକଷ୍ଟ ଭୋଗୁଛନ୍ତି। ଜଳ ଯୋଗାଣକୁ ସ୍ୱାଭାବିକ କରିବା ପାଇଁ ଚାଲିଥିବା କାର୍ଯ୍ୟ ଏଯାଏ ସରିବା ନାଁ ଧରୁନି। ପାଇପ ବିଛା ଯାଇ ଷ୍ଟାଣ୍ଡପୋଷ୍ଟ ଲଗାଯାଇଛି ମାତ୍ର ବର୍ଷାଧିକ କାଳ ବିତିଥିଲେ ସୁଦ୍ଧା ପାଣି ମିଳୁନି। ଫଳରେ ଗ୍ରାମୀଣ ଜଳ ଯୋଗାଣ ବିଭାଗର ଏପରି କାର୍ଯ୍ୟରେ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଜିଲା ସଦର ପାରଳାଖେମୁଣ୍ଡି ସହର ଉପକଣ୍ଠ କେରାଣ୍ଡି ପଞ୍ଚାୟତର ଫରେଷ୍ଟ ଗେଟ୍ ଓ ଏହାର ଆଖପାଖରେ ଗଢି ଉଠିଥିବା ଶ୍ରୀକୃଷ୍ଣ ବିହାର, ଶାନ୍ତି ନଗର, ସୁଭଦ୍ରା ବିହାର, ସନ୍ତୋଷୀ ନଗର, ମା' ମଙ୍ଗଳା ସାହି, କାଲୁଆ ସାହି ଆଦି ୧୦ରୁ ଅଧିକ ସାହି ବାସିନ୍ଦା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ନ ପାଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବର୍ଷ ଧରି ଏହିସବୁ ଅଞ୍ଚଳରେ ରହି ଆସୁଥିବା ଲୋକଙ୍କ ପାନୀୟ ଜଳ ସମସ୍ୟା ଲାଗି ରହିଛି।



ଗ୍ରାମୀଣ ଜଳ ଯୋଗାଣ ବିଭାଗ ପକ୍ଷରୁ ଜଳ ଯୋଗାଣ ଲାଗି ପାଇପ ବିଛାଇବା ପରେ ଲଗାଯାଇଥିବା ଷ୍ଟାଣ୍ଡପୋଷ୍ଟ।

ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଧ୍ୟ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିନାହିଁ। ଲୋକଙ୍କ ଦାବି ପରେ କେବଳ ପାଇପ ବିଛାଇ ଛଡାଯାଇଛି। ପାଇପ ବିଛାଇବା କାର୍ଯ୍ୟକୁ ତିନି ବର୍ଷ ବିତିଗଲାଣି, ଇତି ମଧ୍ୟରେ ଅନେକ ପାଇପ, ପାଣି ପୋଷ୍ଟ ନଷ୍ଟ ହୋଇଗଲାଣି ବୋଲି ସ୍ଥାନୀୟ ବାସିନ୍ଦା ସନ୍ତୋଷୀ ଗନ୍ତାୟତ, ଦିପ୍ତି ରାଣୀ ବେହେରା, ଆରତି ଦାସ, ରବିନ ଦାସ ପ୍ରମୁଖ କହିଛନ୍ତି। ଗତବର୍ଷ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଞ୍ଚଳବାସୀ ଅଭିଯୋଗ ପରେ ତତ୍କାଳୀନ ଜିଲାପାଳ ଓ ବିଡିଓ ଉକ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଥିଲେ। ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପାନୀୟ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇତି ମଧ୍ୟରେ ବର୍ଷେ ବିତି ବର୍ତ୍ତମାନ ପୁଣି ଥରେ ଗ୍ରୀଷ୍ମ ଋତୁ ଆସିଲାଣି ଅଥଚ ସମ୍ପୃକ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ହୋଇପାରିନି। ପାଇପ ବିଛାଇବା ବେଳେ ରାସ୍ତା ସବୁ ଖୋଳି ଠିକାଦାର ଏଯାଏ ମରାମତି କରିନାହାନ୍ତି। ଡ୍ରେନଗୁଡ଼ିକ ମାଟି ଗୋଡ଼ିରେ ଅବରୋଧ ହୋଇ ରହିଛି। ଅଞ୍ଚଳବାସୀଙ୍କ ବର୍ଜଜଳ ଓ ବର୍ଷା ହେଲେ ଡ୍ରେନରେ ପାଣି ଯାଇ ନ ପାରି ରାସ୍ତାରେ ପ୍ରବାହିତ ହେଉଛି। ଫଳରେ ରାସ୍ତାରେ ପାଣି ଜମି ଯାତାୟତ ବାଧାପ୍ରାପ୍ତ ହୋଉଛି। ଏନେଇ ନିର୍ବାହୀ ଯନ୍ତ୍ରୀ ତପତପା ବେହେରାଙ୍କୁ ପଚାରିବାରୁ ସେ କହିଲେ, ସେହି ଅଞ୍ଚଳ ସହର ମଧ୍ୟରେ ଆସୁଛି, ତେଣୁ ଜନସ୍ୱାସ୍ଥ୍ୟ ବିଭାଗ ଜଳ ଯୋଗାଇବ। ଆମେ କେବଳ ପାଇପ ବିଛାଇ ଦେଇଛୁ। ଆମ ବିଭଗର କାର୍ଯ୍ୟ ତିନିମାସ ହେଲା ସରିଯାଇଛି। ଏ ନେଇ ସମ୍ପୃକ୍ତ ବିଭାଗକୁ ମଧ୍ୟ ଚିଠି ଲେଖି ଜଣାଇ ଦେଇଛୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ବିଷ୍ଣୁ ଚରଣ ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଲେ–ପ୍ରକୃତ ପକ୍ଷରେ ସେ ଅଞ୍ଚଳ ସହରାଞ୍ଚଳରେ ଯାଉନି। ପଞ୍ଚାୟତରେ ଯାଉଛି। ଗ୍ରାମୀଣ ଜଳ ଯୋଗାଣ ବିଭାଗ ସେଠି ଜଳ ଯୋଗାଣ କରିବା କଥା। ସେମାନେ ପାଇପ୍ ବିଛାଇ, ଷ୍ଟାଣ୍ଡପୋଷ୍ଟ ଲଗାଇ ଛାଡି ଦେଇଛନ୍ତି। ଏନେଇ ଆମେ ଆମ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଚିଠି ଲେଖି ଜଣାଇଛୁ। ସେଠାରୁ ପରିମିଶନ ଆସିଲେ ଆମେ ଜଳ ଯୋଗାଣ କରିବୁ।

# ଗାଁରେ ଯବାନଙ୍କ ଅନ୍ତିମ ସଂସ୍କାର



ମରଶରୀର ନିକଟରେ ଆତ୍ମୀୟସ୍ୱଜନ।

ଆସିକା,୨୩।୨(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଜୟପୁର ପଞ୍ଚାୟତ ପଢାଳ ଗ୍ରାମର ବାସିନ୍ଦା ତଥା ବୀର ଯବାନ ଶିବରାମ ବାରିକଙ୍କ ଜମ୍ମୁ କାଶ୍ମୀରସ୍ଥିତ ଉଦାମପୁର ଠାରେ ଶନିବାର ପରଲୋକ ହୋଇଥିଲା। ସୋମବାର ମଧ୍ୟାହ୍ନରେ ମରଶରୀର ନିଜ ପୈତୃକ ଗ୍ରାମ ପଢାଳଠାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ମୃତଦେହ ସତ୍କାର ପୂର୍ବରୁ ତୋପ ସଲାମୀ ଦିଆଯାଇଥିଲା।

ଗତ ୨୧ବର୍ଷ ହେଲା ଭାରତୀୟ ସେନାରେ କାର୍ଯ୍ୟରତ ଶିବରାମ ୨୦୨୪ରେ ହିମାଞ୍ଚଳ ୟୁନିଟ ଏରିଆରେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ସେବେଠାରୁ ସେ ଚିକିତ୍ସାଧିନ ରହିଥିଲା ବେଳେ ପରଲୋକ ହୋଇଯାଇଛି । ଶିବରାମଙ୍କ ପାର୍ଥିବ ଶରୀରକୁ ଏଟିଏଏସସି ବାଟାଲିୟନର ଭାସ୍କର ମହାଦେବ ଭାବଲକର, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଉଦାମପୁରରୁ ଆଣି ଗୋପାଳପୁର ଆର୍ମି କ୍ୟାଣ୍ଟନମେଣ୍ଟରେ ପହଞ୍ଚିଥିଲେ। ସେଠାରୁ ମୃତଦେହକୁ ପଢାଳ ଗ୍ରାମକୁ ଆଣି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ମରଶରୀର ନିକଟରେ ମା' ବାପା, ପରିବାର ସହ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ତାଙ୍କ ଭାଇ ଚିତ୍ରସେନ ବାରିକଙ୍କ ସମେତ ବହୁ ସେନାନିବୃତ ଯବାନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସିକା ବିଡିଓ ରାଜେନ୍ଦ୍ର ନାୟକ, ଏବିଡିଓ ସୁଶାନ୍ତ କୁମାର ବେହେରା, ପୂର୍ବ ଶୈନିକ ସଂଗନଠରେ ସଭାପତି କାଳୁଚରଣ ପ୍ରଧାନ, ନିକୁ ପ୍ରଧାନ, ଅଭୟ ଚରଣ ପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୨୦୨୭ ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ

ଛତ୍ରପୁର,୨୩।୨(ଦିଲୀପ ସାମଲ): ଗଞ୍ଜାମ ଜିଲା ପରିଷଦ ଭବନ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ସମ୍ପର୍କିତ ୨ ଦିନିଆ ପ୍ରଶିକ୍ଷଣ କର୍ମଶାଳା ସୋମବାରଠାରୁ ଆରମ୍ଭହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେର୍କେଟା ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଏପ୍ରିଲ୍ ମାସର ପ୍ରଥମ ୨ ସପ୍ତାହ ଜନଗଣନା ଅଧିକାରୀମାନେ (ଆନିମେଟର ଓ ସୁପରଭାଇଜର) ଜିଲାର ପ୍ରତ୍ୟେକ ଘରକୁ ଘର ଯାଇ ସମସ୍ତ ତଥ୍ୟର ଠିକ ବିବରଣୀ ଜନସାଧାରଣଙ୍କୁ ପଚାରି ନିର୍ଭୁଲ ଭାବରେ ଲିପିବଦ୍ଧ କରିବେ। ଦେଶର ଜଣେ ସଚେତନ ନାଗରିକ ହିସାବରେ ସମସ୍ତେ ନିର୍ଭୁଲ ତଥ୍ୟ ଜନଗଣନା ଅଧିକାରୀମାନଙ୍କୁ ଦେବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜନଗଣନା କାର୍ଯ୍ୟକୁ ପ୍ରଥମଥର ପାଇଁ ଡିଜିଟାଲରେ କରାଯାଉଥିବାରୁ ସେନସସ ପୋର୍ଟାଲରେ କିପରି ତଥ୍ୟ ଅପଲୋଡ କରିପାରିବେ ତାହା ଉପରେ ଡିପିଏ ସନ୍ତୋଷ କୁମାର ଆଚାର୍ଯ୍ୟ ଏବଂ ସହକାରୀ ନିର୍ଦ୍ଦେଶକ ସୁଜିତ୍ କୁମାର ପ୍ରଧାନ ସମସ୍ତଙ୍କୁ ବୁଝାଇଥିଲେ । ବୈଷୟିକ ସହାୟକଙ୍କର ଏଥିରେ ମୁଖ୍ୟ ଭୂମିକା ରହିଛି ଏବଂ ଶତକଡା ୯୦ ଭାଗ କାମ ଚାର୍ଜ ଅଫିସରଙ୍କର ରହିଛି ବୋଲି ସେମାନେ କହିଥିଲେ। କୌଣସି ଶିକ୍ଷକ ଜନଗଣନା କାର୍ଯ୍ୟକୁ ମନା କରିପାରିବେ ନାହିଁ। ଆଗାମୀ ଜନଗଣନାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯାଇପାରିବ ତାହା ଉପରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା, ଜିଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ ।





ପ୍ରଶିକ୍ଷଣ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

**ଏପ୍ରିଲ ପ୍ରଥମ ୨ ସପ୍ତାହ ସମସ୍ତ ତଥ୍ୟ ଲିପିବଦ୍ଧ କରିବେ ଜନଗଣନା ଅଧିକାରୀ**

# ଦୋଳଯାତ୍ରା ପାଇଁ ଶାନ୍ତି କମିଟିର ସହାୟତା ଲୋଡ଼ିଲା ପୋଲିସ

ଗଞ୍ଜାମ,୨୩।୨(ବିଦ୍ୟାଧର ସାହୁ) ମାର୍ଚ୍ଚ ପହିଲାରୁ ଗଞ୍ଜାମ ସହରରେ ଦୋଳ ଯାତ୍ରା ଆରମ୍ଭ ହେବ। ୨ ଦିନ ଧରି ଅନୁଷ୍ଠିତ ଉକ୍ତ ଯାତ୍ରାରେ ଲକ୍ଷାଧିକ ଲୋକ ସମାଗମ ହେବେ। ଏଥିପାଇଁ ଗଞ୍ଜାମ ପୋଲିସ ପକ୍ଷରୁ ସୋମବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଆଇଆଇସି ସୁମିତ୍ରା ପାତ୍ର, ଭାରପ୍ରାପ୍ତ ଥାନା ଆଇଆଇସି ଶୁଭଲକ୍ଷ୍ମୀ କହଁର, ଏଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ, ଏଏସ୍‌ଆଇ ସୁଦୀପ୍ତ ସାହୁ, ମହିଳା ସେକେଣ୍ଡ ଅଫିସର ସୁପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହରର ବିଭିନ୍ନ ସାହିକୁ ଠାକୁର ଯାତ୍ରା କରି ଯିବାବେଳେ ଶୃଙ୍ଖଳିତ ଭାବେ ଶୋଭାଯାତ୍ରା କରିବାକୁ ଆଲୋଚନା ହୋଇଛି। ଏଥିପାଇଁ ସମସ୍ତ ସାହିର ୩ ଜଣ ଯୁବକଙ୍କୁ ନେଇ ଶାନ୍ତି କମିଟି ଗଠନ ହୋଇଥିଲା। ସାହି ଯାତ୍ରା ବେଳେ ସମସ୍ତ ସାହି ଗୁଡ଼ିକରେ ପୋଲିସ ମୃତୟନ ହେବ। ପୋଲିସ ପକ୍ଷରୁ ଡିଜେକୁ ନିଷେଧ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କମ ସାଉଣ୍ଡରେ ଡିଜେ ବୁଲିବ ଏବଂ ସାଉଣ୍ଡ ପରିମିସନ ବାଧ୍ୟତା ମୂଳକ ବୋଲି ଆଇଆଇସି ପାତ୍ର ସୂଚନା ଦେଇଥିଲେ। କାନ୍ତରି ଦଳାଇ, ବିଧାୟକ ପ୍ରତିନିଧି ରାନୁ ବୈଠାରୁ, ଗୌରୀ ଶଙ୍କର ବାରିକି, ସୁଦାମ ଚରଣ ଜେନା, ସୁଧୀର କୁମାର ପାଢ଼ୀ, ଧରଣୀ ସାହୁଙ୍କ ସମେତ ସମସ୍ତ ସାହି କମିଟି ମେମ୍ବର ଉପସ୍ଥିତ ଥିଲେ। ଚଳିତ ବର୍ଷ ଗ୍ରହଣ ଲାଗୁ ଥିବା ଯୋଗୁ ଠାକୁର ସାମାନ୍ୟ ବିଳମ୍ବ ହେବ ବୋଲି ଆଲୋଚନା ହୋଇଥିଲା।

# ମୁକ୍ତେଶ୍ୱର ମନ୍ଦିର, ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୩।୨ (ଅରୁଣ ସାହୁ/ମନୋରଞ୍ଜନ ରଣା) ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁରେ ଶ୍ରୀଶ୍ରୀ ମୁକ୍ତେଶ୍ୱର ମହାରୁଦ୍ରଙ୍କ ଜୀର୍ଣ୍ଣୋଦ୍ଧାର ଭବ୍ୟ ମନ୍ଦିର ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ସମାରୋହ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଦିବସରେ ଦହିହାଣ୍ଡି ଭାଙ୍ଗିବା ଦୃଶ୍ୟ ସବୁଠାରୁ ଆକର୍ଷଣୀୟ ଥିଲା। ପରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ହରିନାମ ଜପ କରି ସହର ପରିକ୍ରମା କରି ହୋଲି ଖେଳିଥିଲେ। ଏହି ସମୟରେ ଭାଇଚାରା, ଶାନ୍ତି ସଦଭାବନାର ବାର୍ତ୍ତା ବଣ୍ଟନ ସହ ବହୁ ଆନନ୍ଦରେ ପାଳନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିଥିବା ବେଳେ ଶେଷ ସନ୍ଧ୍ୟାରେ ଶ୍ରୀମୁକ୍ତେଶର ରୁଦ୍ରଦେବଙ୍କ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାମାୟଣ ବର୍ଣ୍ଣିତ 'ଅଶୋକ ବନରେ କାନ୍ଦନ୍ତି ସୀତା' ମଞ୍ଚସ୍ଥ ହୋଇଛି। ଏଥିରେ ପଞ୍ଚ ଯଜ୍ଞ ତଥା ନାମ, ଘୃତ, ଦୀପ, ଜ୍ଞାନ ଏବଂ ଗୋ ଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିସହ ରତ୍ନମୁଦ ଦିଆଯାଇଥିଲା କାର୍ଯ୍ୟକ୍ରମକୁ ଗାଁ ବାସିନ୍ଦା ଓ ମନ୍ଦିର କମିଟି ପକ୍ଷରୁ ପରିଚାଳନା କରାଯାଇଛି। ଏଥିରେ ସଭାପତି ଗଣେଶ ପାତ୍ର, ରାମଚନ୍ଦ୍ର ପାତ୍ର, ଉପସଭାପତି ବିରଞ୍ଚି ବିଶୋଇ, କେ.ଶ୍ୟାମ ବାବୁ ଅଚାରୀ,ସମ୍ପାଦକ ପବିତ୍ର ବେହେରଦଳାଇ, ରଘୁନାଥ ନାୟକ, କାର୍ଯ୍ୟକର୍ତ୍ତା ପ୍ରକାଶ ମହାନ୍ତି, ପ୍ରୟୋଗରାଜ (ଉତ୍ତରପ୍ରଦେଶ) ଧର୍ମେସ କୁମାର ପାଲ,ଯୋଗେଶ୍ୱର ପାତ୍ର ପ୍ରମୁଖ କରିଥିଲେ।

# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ



ରାସ୍ତା ନିର୍ମାଣ କରୁଛନ୍ତି ଗ୍ରାମବାସୀ।

ବୁଗୁଡ଼ା,୨୩।୨(କାଳିଚରଣ ଦାଶ) ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ପ୍ରକୃତରେ ଗ୍ରାମାଞ୍ଚଳରେ ବାଟ ହୁଡ଼ିଛି ବିକାଶ। ଏଠି ଫେଲ୍ ମାରିଛି ବିକଶିତ ଗାଁ ଓଡ଼ିଶା ସ୍ଲୋଗାନ। ଶେଷରେ ଗ୍ରାମବାସୀ ଏକାଠି ଗ୍ରାମ୍ୟ ରାସ୍ତା ମରାମତି କରିଛନ୍ତି ।

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ରାମଣ୍ଡା ଗ୍ରାମର ମୁଖ୍ୟ ରାସ୍ତାଟି ଦୀର୍ଘ ଦିନ ଧରି ଶୋଚନୀୟ ହୋଇ ପଡ଼ିରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ରାସ୍ତା ଖରାପ ଯୋଗୁ ଗ୍ରାମବାସୀ, ରୋଗୀ ଓ ଛାତ୍ରୀଛାତ୍ରମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ଗ୍ରାମବାସୀ ଏକଜୁଟ ହୋଇ ଶ୍ରମଦାନ କରି ରାସ୍ତା ମରାମତି କରିବାକୁ ଆଗେଇ ଆସିଛନ୍ତି। ଗ୍ରାମର ଯୁବଗୋଷ୍ଠୀ ଓ ବୟସ୍କ ବ୍ୟକ୍ତିମାନେ ଏକତ୍ରିତ ହୋଇ କୋଦାଳ ଓ ଶାବଳ ଧରି ଖାଲଖମା ପୂରଣ କରିବା ସହ ରାସ୍ତାକୁ ଚଳପ୍ରଚଳ ଉପଯୋଗୀ କରିଛନ୍ତି। ପ୍ରଶାସନିକ ସ୍ତରରେ ଏଥିପ୍ରତି ଦୃଷ୍ଟି ଦିଆଯାଇ ସ୍ଥାୟୀ ପ୍ରତିକାର କରାଗଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ୨୨୯ ଅଭିଯୋଗ ଶୁଣାଣି

## ଗୋପାଳବନ୍ଧର ସୌନ୍ଦର୍ଯ୍ୟକରଣ ଦାବି





ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

ପୁରୁଷୋତ୍ତମପୁର,୨୩।୨(ସବିତା ମିଶ୍ର) ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ଦାଶ, ଅତିରିକ୍ତ ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରା ଯୋଗଦେଇ ୨୨୯ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୨୧୨ଟି ବ୍ୟକ୍ତିଗତ ଓ ୨୭ଟି ସାମୂହିକ ଅଭିଯୋଗ ଥିଲା । ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପୁରୁଷୋତ୍ତମପୁର ଏନଏସି ପ୍ରଶାସନ ଗୋପାଳବନ୍ଧ ହିଡରେ ଫୁଡକୋର୍ଟ ନିର୍ମାଣ କରୁଥିବା ବେଳେ ସହରବାସୀ ଏହାକୁ ବିରୋଧ କରୁଛନ୍ତି। ସେଠାରୁ ଜବରଦଖଲ ଉଚ୍ଛେଦ କରି ସୌନ୍ଦର୍ଯ୍ୟକରଣ କରାଯାଉ ବୋଲି ଅଭିଯୋଗ ଶୁଣାଣିରେ ଦାବି ହୋଇଛି। ବଡବରଗାଁ ପଞ୍ଚାୟତ ଏନ ନୂଆଁଗାଁର ଦିବ୍ୟାଙ୍ଗ ଯୁବକ ଏସ. ସଞ୍ଜୀବ ରେଡ୍ଡୀଙ୍କ ଆଧାର କାର୍ଡ ହୋଇପାରୁ ନ ଥିବାରୁ ସେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ସେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ଆସିଥିଲା। ଅତିରିକ୍ତ ଜିଲାପାଳ ଏହାକୁ ଗୁରୁତର ସହ ନେଇ ତୁରନ୍ତ ସମସ୍ୟା ସମାଧାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିଡିଓ ଶରତ ପାତ୍ର, ତହସିଲଦାର ବିନୋଦ ବେହେରା, ଆଇଆଇସି ରାଜେଶ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସାଇକେଲରେ ଚାରିଧାମ ଯାତ୍ରା ସାରି ଫେରିଲେ ଶଙ୍କର

## ଜଙ୍ଗଲ, ପରିବେଶ, ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ରର ବାର୍ତ୍ତା ବାଣ୍ଟିଲେ



ଦାରିଙ୍ଗବାଡ଼ି,୨୩।୨ (ଅରୁଣ ସାହୁ) ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଏକ ପର୍ଯ୍ୟଟନ କ୍ଷେତ୍ର। ଏହାର ପ୍ରଚାର କରିବା ଲକ୍ଷ୍ୟ ରଖିବା ସହ ଭାରତ ବର୍ଷକୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସ୍ଥାନୀୟ ଅଞ୍ଚଳର ଯୁବକ ଶଙ୍କର କୁମାର ସାହୁ ଚାରିଧାମରେ ବାର୍ତ୍ତା ବାଣ୍ଟି ଫେରି ଆସିଛନ୍ତି। ସେ ଦୀର୍ଘ ୬ ମାସ ୨୪ ଦିନ ପରେ ସୋମବାର ନିଜ ଭିଟାମାଟିରେ ପହଞ୍ଚିଛନ୍ତି। ତାଙ୍କୁ ତାଙ୍କ ପରିବାର ତଥା ମା' ବିନୋଦିନୀ ସାହୁ, ବାପା ବୈକୁଣ୍ଠ ନାଥ ସାହୁ, ଭାଇ ସାଗର ସାହୁ, ସାଙ୍ଗସାଥୀ, ଜଳେଶ୍ୱର ମନ୍ଦିର କମିଟି, ଜଳେଶ୍ୱର ସଂଘ ପକ୍ଷରୁ ଅଜିତ ସାହୁ, ନରସିଂହ ସାହୁ,ଚେତନ ସାହୁ, ରୁଦ୍ର ନାରାୟଣ ବେହେରା,ମହେନ୍ଦ୍ର ଦାସିଓ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଅଗ୍ନିଶମ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ପାଛୋଟି ନେଇ ଶିବ ମନ୍ଦିରଠାରେ ପହଞ୍ଚି ସେଠାରେ ଦର୍ଶନ ସାରି ବଜାର ପରିକ୍ରମା କରାଇଥିଲେ ପରେ ହନୁମାନଙ୍କ ଦର୍ଶନ କରି ପ୍ରସାଦ ସେବନ କରିଥିଲେ। ସୂଚନାଯୋଗ୍ୟ ଯେ, ଶଙ୍କର ଚାରିଧାମ ତଥା ବଦ୍ରୀନାଥ, ଦ୍ୱାରିକାନାଥ, ରାମେଶ୍ୱରମ ଏବଂ ପୁରୀ ଜଗନ୍ନାଥ ଧାମ ଦର୍ଶନ କରି ଦାରିଙ୍ଗବାଡି ଫେରିଛନ୍ତି। ୨୦୨୫ ଅକ୍ଟୋବର ୬ରେ ଦାରିଙ୍ଗବାଡ଼ିରୁ ସାଇକେଲରେ ଯାତ୍ରା ଆରମ୍ଭ କରି ସେ ୬ ମାସରେ ୧୪ ହଜାର କିମି ଯାତ୍ରା କରିଥିଲେ। ଗତ ଚାରିଧାମ ସମେତ ୧୦ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ ସମେତ ୭ଟି ଶକ୍ତିପୀଠ, ୫ ସଙ୍ଗମ ସ୍ଥଳ ଏବଂ ଏକାଧିକ ମନ୍ଦିର ଦର୍ଶନ କରିଥିବା ଶଙ୍କର କହିଛନ୍ତି। ଏହା ସହିତ ସେ ସାଇକେଲ ଯାତ୍ରାକାଳୀନ ଅନୁଭୂତି ବାଣ୍ଟିଥିଲେ।

# ପୋଲ ନିର୍ମାଣ କାମ ଅଧାପନ୍ତରିଆ

**ଜମି ଅଧିଗ୍ରହଣ ନ କରି ହଟହଟା ଫୁଲବାଣୀ ପୂର୍ତ୍ତ ବିଭାଗ**



ଖଜୁରିପଡ଼ା,୨୩।୨ (ବିଦୁର ବେହେରା) ଖଜୁରିପଡ଼ା ବ୍ଲକ୍ ଗାଡ଼ିଆପଡା ଆଶ୍ରମ ସ୍କୁଲ ନିକଟରେ ଫୁଲବାଣୀଠାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥରେ ପୋଲ ନିର୍ମାଣ କାର୍ଯ୍ୟ ଦୀର୍ଘବର୍ଷ ହେବ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଯେଉଁ ସ୍ଥାନରେ ପୋଲ ନିର୍ମାଣ ହେଉଛି ସେହିସ୍ଥାନର ଜମି ଫୁଲବାଣୀ ପୂର୍ତ୍ତ ବିଭାଗ ଅଧିଗ୍ରହଣ ନ କରି ତରବରିଆ ଭାବେ ଟେଣ୍ଡର କରି ଦେବାରୁ ଠିକାଦାର ପୋଲ ନିର୍ମାଣ କାମରେ ବାଧା ସୃଷ୍ଟି ହେଉଛି। ଯେଉଁମାନଙ୍କର ଜମି ଯାଉଛି ସେମାନେ କ୍ଷତିପୂରଣ ଦାବି କରି ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ। କିନ୍ତୁ ତାହା ନ ମିଳିବାରୁ ଦୀର୍ଘ ୪ ବର୍ଷ ହେବ ପୋଲ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। କାମ ନ ହେବାରୁ କେନାଲ ମାଧ୍ୟମରେ ଚାଷ ଜମିକୁ ପାଣି ଯାଉନାହିଁ। ଫଳରେ ଚାଷୀ ହତାଶ ହେଉଛନ୍ତି। ସେହିପରି କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ନ ପାଇଁ ଚିନ୍ତାରେ ରହିଛନ୍ତି। ଏନେଇ ଧରିତ୍ରୀରେ ୪।୯।୨୫ରେ 'ପୋଲ ନିର୍ମାଣ ପାଇଁ କେନାଲ ନଷ୍ଟ' ବୋଲି ଖବର ପ୍ରକାଶ ପାଇବା ପରେ ୧୫।୯।୨୫ରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କ ସମେତ ଖଜୁରିପଡା ବ୍ଲକ୍ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ମଣ୍ଡଳ ସଭାପତି ରଞ୍ଜନ କହଁର, ଯୁବନେତା ରାଇକିଶ୍ୱର ପ୍ରଧାନ, ଜଗନ୍ନାଥ ସାହୁ, ବିଶ୍ୱନାଥ ବେହେରା, ବିକ୍ରମ ସେନ ଦେହୁରୀ ପ୍ରମୁଖ ପୋଲ ନିର୍ମାଣ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଖୁବ ଶୀଘ୍ର କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ପ୍ରତିଶ୍ରୁତିକୁ ୫ ମାସ ବିତି ଥିଲେ ସୁଦ୍ଧା କୌଣସି କ୍ଷତିପୂରଣ ମିଳିନାହିଁ। ଦୀର୍ଘ ଦିନ ଧରି ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଗାଡ଼ି ମୋଟର ଯାତାୟତରେ ଅନେକ ଅସୁବିଧା ହେଉଛି। ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ସରକାରୀ ଅର୍ଥ ପାଣିରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିପୂରଣ ପ୍ରଦାନ ସହ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶୀଘ୍ର ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଫୁଲବାଣୀ ପୂର୍ତ୍ତ ବିଭାଗ ଏସ୍‌ଡିଓ ସିଦ୍ଧାର୍ଥ ଦାସ କହିଛନ୍ତି, ପୋଲ ନିର୍ମାଣରେ ଜମି ଯାଉଥିବା ବ୍ୟକ୍ତିମାନଙ୍କର ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ଏବଂ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏନେଇ କେତେ ଜଣ ବୁଦ୍ଧିଜୀବୀ କହିଛନ୍ତି, ପ୍ରଥମେ ପୂର୍ତ୍ତ ବିଭାଗ ଜମି ଅଧିଗ୍ରହଣ କରି ପରେ ପୋଲ ନିର୍ମାଣ କରିବା କଥା, ହେଲେ କାହିଁକି ନିୟମ ଉଲ୍ଲଂଘନ କରି ହଟହଟା ହେଉଛି ବୁଝା ପଡୁନାହିଁ।

